ଓଡିଶା ସରକାର

ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 26.2.2021/ ଅନୁଗୁଳ

SBTJ No. 182

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ *ଶାଳଗାଁ ବୁଢାପଙ୍କ ତାଳଚେର ଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ* ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର *ଗୋଲାବନ୍ଧ* ମୌଜାରେ ନିମ୍ନ ସୁଚୀତ ତଫସିଲ ମତେ ପ୍ରାୟ ୩.୬୦୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013) ର ଧାରା ୧୧(୧) ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013) ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଳପଥ ନିର୍ମାଣ ପ୍ରକଳ୍ପ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ପୂର୍ବତଟ ରେଳପଥ

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଧାରା ୮(୨) ମୁତାବକ ପ୍ରକାଶିତ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ ଅନୁଗୁଳ ।

୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଣଅଁରପାଳ | ଗୋଲାବନ୍ଧ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୩.୬୦୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.................... ସରଂକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ
ଜିଲ୍ଲାପାଳ, ଅନୁଗୁଳ

## ଭୂମି ଅନୁସୂଚୀ

### ମୌଜା – ଗୋଲାବନ୍ଧ, (ଗ୍ରାମାଞ୍ଚଳ) ଥାନା : ଜରପଡା, ଥାନା ନଂ.: ୭୫, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୁଳ ଶାଳଗାଁ ବୁଢାପଙ୍କ ତାଳଚେର ଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ. | ସତ୍ତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୪ | ରୟତି | ୧୭ ଶାଳ ତଇଳା | ତଇଳା-୧ | ୦.୪୯୦ | ୦.୨୨୦ | ଅନ୍ତର୍ଯ୍ୟାମି ବିଶ୍ଵାଳ ପି: ଚୈତନ ବିଶ୍ଵାଳ, ବଂଶିଧର ବିଶ୍ଵାଳ ପି: ଧୋବେଇ ବିଶ୍ଵାଳ, ରାଜକିଶ୍ଵର ବିଶ୍ଵାଳ, ବିପିନ ବିଶ୍ଵାଳ ପି: ଭିକାରୀ ବିଶ୍ଵାଳ ଜା: ଚଷା ବା: ନିଜଗାଁ |
| ୭ | ରୟତି | ୧୦୭ ଶାଳ ତଇଳା | ତଇଳା-୧ | ୦.୫୨୦ | ୦.୦୬୦ | ଅରକ୍ଷିତ ପଧାନ, ପଳଉ ପଧାନ, ଯୁଜେଷ୍ଠି ପଧାନ, ଜୀବନ ପଧାନ, ନିତ୍ୟାନନ୍ଦ ପଧାନ, ପିତେଇ ପଧାନ ପି: ବୈରାଗି ପଧାନ ଜା: ଚଷା ବା: ନିଜଗାଁ |
| ୫୩ | ରୟତି | ୧୦୬ ଶାଳ ତଇଳା | ତଇଳା-୨ | ୦.୪୯୦ | ୦.୩୦୦ | ଜୟ ବିଶ୍ଵାଳ ପି:ବିମ୍ବା ବିଶ୍ଵାଳ ଜା: ଚଷା ବା: ନିଜଗାଁ |
| ୮୧ | ରୟତି | ୧୯ ଶାଳ ତଇଳା | ତଇଳା-୧ | ୧.୪୭୦ | ୦.୩୦୦ | ପଦ୍ମଚରଣ ପଧାନ ପି:ବାଟି ପଧାନ ଜା: ଚଷା ବା: ନିଜଗାଁ |
| | ରୟତି | ୨୩ ଶାଳ ତଇଳା | ତଇଳା-୧ | ୨.୩୫୦ | ୦.୮୮୦ | ରଘୁ ବେହେରା, ପି: କ୍ଷେତ୍ର ବେହେରା, ଜା:ଗୌଡ, ସା: ଡାବରଧୂଆଁ |
| ୧୨୧ | ରୟତି | ୯୮ ଫିରିଙ୍ଗି ଛକ | ପୁରାତନ ପତିତ | ୦.୪୫୦ | ୦.୨୧୦ | ମାଗୁଣି ପଧାନ, ମହେଶ୍ଵର ପଧାନ, କାହ୍ନୁ ପଧାନ, ମହର୍ଗା ପଧାନ ପି: ଧରମୁ ପଧାନ ଜା: ଚଷା ବା: ନିଜଗାଁ । |
| ୧୨୩ | ରୟତି | ୧୦୨ ଶାଳ ତଇଳା | ଶାରଦ-୨ | ୨.୩୦୦ | ୦.୫୩୦ | ମାଧବ ବେହେରା ପି:ନନ୍ଦ ବେହେରା ଜା: ଚଷା ବା: ନିଜଗାଁ । |
| | ରୟତି | ୧୦୦ ଶାଳ ତଇଳା | ତଇଳା-୧ | ୧.୦୨୦ | ୦.୨୬୦ | |
| | ରୟତି | ୧୦୧/୧୧୩ ୭ ଶାଳ ତଇଳା | ଶାରଦ-୨ | ୦.୧୬୦ | ୦.୦୬୦ | |
| ୧୨୮ | ରୟତି | ୧୮ ଶାଳ ତଇଳା | ତଇଳା-୧ | ୨.୩୯୦ | ୦.୫୮୦ | ରଘୁ ବେହେରା ପି:କ୍ଷେତ୍ର ବେହେରା ଜା: ଗଉଡ଼ ବା: ଡାବର ଧୂଆଁ । |
| ୧୩୪ | ରୟତି | ୯୯ ଫିରିଙ୍ଗି ଛକ | ପୁରାତନ ପତିତ | ୦.୪୦୦ | ୦.୧୪୦ | ସର୍ବେଶ୍ଵର ବିଶ୍ଵାଳ ପି:ଯୋଗିନାଥ ବିଶ୍ଵାଳ ଜା: ଚଷା ବା: ନିଜଗାଁ । |

| | | | | | | |
|---|---|---|---|---|---|---|
| ୧୫୧ | ରୟତି | ୨୪<br>ଶାଳ ତଇଳା | ତଇଳା-୧ | ୦.୬୫୦ | ୦.୦୫୦ | ସୁନିଆଁ ବିଶ୍ୱାଳ ପି: କୃଷ୍ଣ ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ ପି: ମାଧବ ବିଶ୍ୱାଳ ଜା: ଚଷା ବା: ନିଜଗାଁ । |
| | ରୟତି | ୨୫<br>ଶାଳ ତଇଳା | ତଇଳା-୧ | ୦.୨୭୦ | ୦.୦୧୦ | |
| | | | | ମୋଟ | ୩.୬୦୦ | |

ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଶାଳଗାଁ ବୁଢାପଙ୍କ
ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥଙ୍କ
କାର୍ଯ୍ୟାଳୟ , ଢେଙ୍କାନାଳ

ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ
ଜିଲ୍ଲାପାଳ, ଅନୁଗୋଳ